بسم الله الرحمن الرحيم

**ଖୁତ୍‌ବା ଜୁମା ୨୮ ମେ ୨୦୨୧ରେ ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

**ଖିଲାଫତ୍ ସହିତ ପୂର୍ଣ୍ଣ ଆଜ୍ଞାବହତାର ଶପଥ ଆମମାନଙ୍କୁ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ପାଳନ କରିବା ପାଇଁ ପ୍ରତ୍ୟେକ ବଳିଦାନ ପାଇଁ ପ୍ରସ୍ତୁତ ରହିବା ଉଚିତ । ତେବେଯାଇ ଆମେମାନେ ପ୍ରଳୟ୍ ଦିବସ ପର୍ଯ୍ୟନ୍ତ ନିଜର ଆଗାମୀ ପିଢ଼ୀଙ୍କୁ ଖିଲାଫତ୍‌ର ଆଜ୍ଞାବହ ହେବାର ପ୍ରକୃତ ଅଧିକାରୀ କରାଇ ପାରିବା ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ: କାଲି ୨୭ ମେ ଥିଲା, ଯାହାକୁ ଆମେ ୟୌମେ ଖିଲାଫତ୍ ଅର୍ଥାତ ଖିଲାଫତ୍ ଦିବସ ରୂପେ ସ୍ମରଣ ରଖିଥାଉ ଏବଂ ପାଳନ କରିଥାଉ । ଏହି ଅବସରରେ ଜମାଅତ୍‌ରେ ଜଲ୍‌ସା ମଧ୍ୟ ଆୟୋଜିତ ହୋଇଥାଏ । କାରଣ ଜମାଅତ୍‌ର ଇତିହାସକୁ ମନେରଖି ଆମେମାନେ ନିଜର କର୍ତ୍ତବ୍ୟ ପ୍ରତି ସଚେତନ ରହିବୁ । ଅଲ୍ଲାଃତାଲା ଆମମାନଙ୍କ ଉପରେ ଯେଉଁ ଉପକାର କରିଛନ୍ତି ଯେ, ଆମେମାନେ ସାଂପ୍ରତିକ ଯୁଗରେ ଅଲ୍ଲାଃତାଲାଙ୍କ ଦ୍ୱାରା ପ୍ରେରିତ ବାର୍ତ୍ତାବହଙ୍କୁ ସ୍ୱୀକାର କରିଛେ ଏବଂ ତହିଁ ଅନ୍ତର୍ଗତ ଖିଲାଫତ୍‌ର ବୈଅତ୍‌ରେ ଆସିଛୁ ।

ଉପରୋକ୍ତ ଯେଉଁ ଆୟତ୍‌ର ମୁଁ ଆବୃତ୍ତି କରିଛି ତହିଁରେ ଅଲ୍ଲାଃତାଲା ଯେଉଁଠି **ତମ୍‌କିନତ୍** ଅର୍ଥାତ ଧର୍ମକୁ ଦୃଢ ଭାବରେ ସ୍ଥାପନ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରି ଭୟପ୍ରଦର ଅବସ୍ଥାକୁ ଶାନ୍ତିରେ ପରିଣତ କରିବା ପାଇଁ ଯେଉଁ ପ୍ରତିଶୃତି ଦେଇଛନ୍ତି; ସେଠାରେ ଅଲ୍ଲାଃତାଲା ଏହି ପ୍ରତିଶୃତିର ମଧ୍ୟ ସର୍ତ୍ତ ରଖିଛନ୍ତି ଯେ, ବିଶ୍ୱାସକାରୀମାନେ ଦୃଢବିଶ୍ୱାସୀ ଓ ସତ୍‌କର୍ମକାରୀ ତଥା ପ୍ରକୃତ ଉପାସକ ହୋଇଥିବେ, ସେହି ପ୍ରକୃତ ବିଶ୍ୱାସକାରୀମାନେ ଅଲ୍ଲାଃତାଲାଙ୍କ ସହିତ ଅନ୍ୟ କାହାରିକୁ ବି ସମକକ୍ଷ କରୁ ନଥିବେ । ଏହି ବସ୍ତୁକୁ ପ୍ରାପ୍ତ କରିବା ପାଇଁ ଅଲ୍ଲାଃତାଲାଙ୍କ ଉପାସନା, ନମାଜ ଏବଂ ଅଲ୍ଲାଃତାଲାଙ୍କ ମାର୍ଗରେ ବ୍ୟୟ କରିବା, ବାର୍ତ୍ତାବହଙ୍କ ଆଦେଶ ପାଳନକାରୀ ହେବା । ଅତଏବ ଆମେମାନେ ଯେତେବେଳେ ଏହି କଥାଗୁଡ଼ିକୁ ମନେ ରଖିବୁ, ଅତଏବ ଏହି ଆୟତ୍ ବିଶ୍ୱାସକାରୀଙ୍କ ପାଇଁ ଏକ ଶୁଭଖବର ଅଟେ । କିନ୍ତୁ ତତ୍‌ସହିତ ଆମମାନଙ୍କ ପାଇଁ ଚିନ୍ତାଜନକ ବିଷୟ ମଧ୍ୟ । କାରଣ ଉକ୍ତ ଆୟତ୍‌ରେ ଯେଉଁ ସର୍ତ୍ତଗୁଡ଼ିକ ରହିଛି ଯଦି ଆମେ ତାହାକୁ ପୂରଣ କରୁ ନାହୁଁ ତାହାହେଲେ ଆମେମାନେ କିପରି ଉକ୍ତ ପୁରସ୍କାରରୁ ସଠିକ୍ ରୂପେ ଉପକୃତ ହୋଇପାରିବୁ ? ଯଦି ଆମେମାନେ ନମାଜ, ଜ଼କାତ୍ (ଦାନ), ଅଲ୍ଲାଃତାଲାଙ୍କର କର୍ତ୍ତବ୍ୟ ଓ ଭକ୍ତଙ୍କର କର୍ତ୍ତବ୍ୟ ସମ୍ପାଦନ କରୁ ନାହୁଁ ତାହାହେଲେ ଆମେମାନେ ଅଲ୍ଲାଃତାଲାଙ୍କ କୃପାକୁ ସାଉଁଟି ପାରିବା ନାହିଁ । ଅତଏବ ଆମେମାନେ ଯେପର୍ଯ୍ୟନ୍ତ ପ୍ରକୃତ ଉପାସକ ହୋଇନାହୁଁ ସେପର୍ଯ୍ୟନ୍ତ କେବଳ ଯେ, ନିଜ ଇତିହାସରୁ ପରିଚୟ ଲାଭ କରିନେବା ଏବଂ ଖିଲାଫତ୍ ଦିବସ ପାଳନ କରିନେବା ହିଁ ଆମମାନଙ୍କ ପକ୍ଷେ ଯଥେଷ୍ଟ ନୁହେଁ । ଅତଏବ ଆମମାନଙ୍କୁ ନିଜର ଆତ୍ମସମୀକ୍ଷା କରିବାର ଆବଶ୍ୟକତା ରହିଛି । ଆମମାନଙ୍କର ବିଶ୍ୱାସର ଅବସ୍ଥା କ'ଣ ରହିଛି ? ଆମମାନଙ୍କର କର୍ମ କେବଳ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତି କରିବା ପାଇଁ ଉଦ୍ଦିଷ୍ଟ ହେବ । ହ. ଅକ୍‌ଦସ୍ ମସିହ ମଉଦ ଅ.ସ କହନ୍ତି ସତ୍‌କର୍ମ ତାହାକୁ କହିବା ଯେତେବେଳେ ତହିଁରେ ତିଳେମାତ୍ର ଉପଦ୍ରବ ନଥିବ । ମନେରଖ ! ମନୁଷ୍ୟର କର୍ମ ଉପରେ ସର୍ବଦା ଚୋର ଲକ୍ଷ୍ୟ ରଖି ବସିଥାଏ । ସେହି କର୍ମଗୁଡ଼ିକ କ'ଣ ? ସେହି ଚୋରମାନେ କିଏ ? ସେହି କର୍ମଗୁଡ଼ିକ ହେଲା ଲୋକ ଦେଖାଣିଆ। ସ୍ୱାଭିମାନ, ଅହଙ୍କାର ସେହିପରି ଆହୁରି ଅନେକ ପାପ ରହିଛି ଯାହାକି ତା' ଦ୍ୱାରା ସମ୍ପାଦିତ ହୋଇଥାଏ। ପୁଣ୍ୟ କର୍ମ ତାହାକୁ କହିବା ଯହିଁରେ ଅତ୍ୟାଚାର, ଅହଂକାର, ସ୍ୱାଭିମାନ, ମାନବିକ ଅଧିକାରକୁ କ୍ଷୁର୍ଣ୍ଣ କରିବାର କୌଣସି ଚିନ୍ତାଧାରା ମଧ୍ୟ ମନ ଭିତରେ ନଥିବ । ଯଦି ସମ୍ପୂର୍ଣ୍ଣ ପରିବାରରେ ଜଣେ ମାତ୍ର ପୁଣ୍ୟବାନ୍ ବ୍ୟକ୍ତି ତଥା ସତ୍‌କର୍ମକାରୀ ବ୍ୟକ୍ତି ଥାଏ ତାହାହେଲେ ସମଗ୍ର ପରିବାର ବିପତ୍ତିରୁ ରକ୍ଷା ପାଇଯାଇ ଥାଆନ୍ତି ।

ସତ୍‌କର୍ମ ଆମମାନଙ୍କର ସ୍ୱପ୍ରସ୍ତାବିତ ପ୍ରସ୍ତାବ ଦ୍ୱାରା ସମ୍ଭବ ନୁହେଁ । କାରଣ ସତ୍‌କର୍ମ ଉପଦ୍ରବର ବିପରୀତ ଅଟେ । ସେହିପରି ଏହି ସତ୍‌କର୍ମ ପାଇଁ ଏହା ଆବଶ୍ୟକ ଯେ, ସତ୍‌କର୍ମରେ ମଧ୍ୟ କୌଣସି ପ୍ରକାରର ଉପଦ୍ରବ ନଥିବ । ଯେଉଁ ଲୋକମାନଙ୍କ ସମ୍ମୁଖକୁ ଯେତେବେଳେ ସେମାନଙ୍କର ସ୍ୱାର୍ଥ ଆସିଯାଏ ସେତେବେଳେ ସେମାନେ ସତ୍‌କର୍ମର ସ୍ୱୟଂ ବ୍ୟାଖ୍ୟା କରିବାକୁ ଲାଗି ଯାଆନ୍ତି । ଏହିପରି ଲୋକମାନେ ଯେଉଁମାନେ ଖିଲାଫତ୍ ସହିତ ଜଡ଼ିତ ରହିବା ପାଇଁ ଯେଉଁ ଶପଥ ନିଅନ୍ତି

ସେମାନଙ୍କୁ କୌଣସି ସୁଫଳ ପ୍ରଦାନ କରି ନଥାଏ । ଅତଏବ ଯେଉଁ ଲୋକମାନେ ନିଷ୍ପାପର ମନୋଭାବ ରଖି ଖିଲାଫତ୍‌ର ଆଜ୍ଞାନୁବର୍ତ୍ତି ହେବେ, ସେମାନେ ହିଁ ପ୍ରକୃତରେ ଖିଲାଫତ୍ ସହିତ ବିଶ୍ୱସ୍ତତା ଓ ଆନ୍ତରିକତାର ସଂପର୍କ ରକ୍ଷାକାରୀ ରୂପେ ବିବେଚିତ ହେବେ । ଖଲିଫାଙ୍କର ଦୁଆ ସର୍ବଦା ଖିଲାଫତ୍‌ର ସୁରକ୍ଷାକାରୀ ଓ ସୁରକ୍ଷାକାରିଣୀଙ୍କ ସହିତ ରହିଥିବ ।

ଅତଏବ ଏହା ହେଉଛି ସେହି ପ୍ରକୃତ ଖିଲାଫତ୍ ଯହିଁରେ ଜମାଅତ୍ ଏବଂ ଉପସ୍ଥିତ ଖିଲାଫତ୍ ଓ ଉପସ୍ଥିତ ଖଲିଫାଙ୍କ ସହିତ ସଂପର୍କ ରକ୍ଷା କରିବା ଓ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତି ପାଇଁ ଉଦ୍ଦିଷ୍ଟ ଅଟେ । ଏହା ହିଁ ସେହି ଖିଲାଫତ୍ ଯାହା ଶାନ୍ତି ଓ ସୁଦୃଢତାର କାରଣ ଅଟେ । ଅନ୍ୟ ମୁସଲମାନମାନେ ଖିଲାଫତ୍ ସ୍ଥାପନ କରିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି, କିନ୍ତୁ ଏଥି ସାକଶେ ସେମାନେ ସାଂସାରିକ ଉପାୟ ଓ ଯୋଜନା ମାଧ୍ୟମରେ ଖିଲାଫତ୍ ସ୍ଥାପନ କରିବାକୁ ଚାହୁଁଛନ୍ତି । କିନ୍ତୁ ସେମାନେ ଏହା ଭୁଲି ଯାଉଛନ୍ତି ଯେ, ଏହି ଆଳ ଏବଂ ଉପାୟ ସେମାନଙ୍କୁ କେବେହେଲେ ଲାଭ ପ୍ରଦାନ କରିପାରିବ ନାହିଁ ଓ ନା ହିଁ ଏହି ମାଧ୍ୟମ ଦ୍ୱାରା ସେମାନେ ଶତ ଚେଷ୍ଟା କଲେ ମଧ୍ୟ ଖିଲାଫତ୍ ସ୍ଥାପନ ବ୍ୟବସ୍ଥା ପ୍ରଚଳନ କରିପାରିବେ ନାହିଁ ।

ଅତଏବ ହ. ମସିହ ମଉଦ ଅ.ସ '**ଅଲ୍ ୱସିୟତ୍**'ର ପତ୍ରିକାରେ ଖିଲାଫତ୍ ବ୍ୟବସ୍ଥା ସଂପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରି କହନ୍ତି: "ଏହା ଅଲ୍ଲାଃତାଲାଙ୍କର ସୁନ୍ନତ୍ (ପରମ୍ପରା) ସେ ନିଜର ନବୀ ତଥା ବାର୍ତ୍ତାବହଙ୍କୁ ସାହାଯ୍ୟ କରି ଆସିଛନ୍ତି ଏବଂ ସେମାନଙ୍କୁ ବିଜୟ ଲାଭ ପ୍ରଦାନ କରି ଆସିଛନ୍ତି । ଯେଉଁ ସତ୍ୟତାକୁ ସେମାନେ ସଂସାରରେ ପ୍ରସାରିତ କରିବାକୁ ଇଚ୍ଛା ପ୍ରକାଶ କରନ୍ତି ତାହାର ବୀଜ ବପନ ସେମାନଙ୍କ ହସ୍ତ ଦ୍ୱାରା ହିଁ ସମ୍ପାଦନ କରିଦେଇ ଥାଆନ୍ତି । କିନ୍ତୁ ଏହାର ପୂର୍ଣ୍ଣ ବିକାଶ ସେମାନଙ୍କ ହସ୍ତ ଦ୍ୱାରା ସମ୍ପାଦିତ ହୋଇ ନଥାଏ ବରଂ ଏଭଳି ସମୟରେ ଅଲ୍ଲାଃତାଲା ନିଜର ବାର୍ତ୍ତାହଙ୍କୁ ମୃତ୍ୟୁ ପ୍ରଦାନ କରିଥାନ୍ତି ଯାହାକି ଅସଫଳତାର ଭୟ ପରି ପ୍ରତିତ ହୋଇଥାଏ, ବିରୋଧୀଙ୍କୁ ଥଟ୍ଟା, ପରିହାସ, ବ୍ୟଙ୍ଗ ବିଦ୍ରୂପର ସୁଯୋଗ ମଧ୍ୟ ପ୍ରଦାନ କରିଥାଏ ଏବଂ ଯେତେବେଳେ ଏହି ବିରୋଧୀମାନେ ଥଟ୍ଟା ଓ ପରିହାସ କରି ନିଅନ୍ତି ସେତେବେଳେ ଅନ୍ୟ ଏକ ହସ୍ତ ଅର୍ଥାତ ଅଲ୍ଲାଃତାଲାଙ୍କର ହସ୍ତ ନିଜର ଶକ୍ତି ପ୍ରଦର୍ଶନ କରିଥାଏ ଏବଂ ଏପରି ପରିସ୍ଥିତି ତଥା ମାଧ୍ୟମ ଉତ୍ପନ୍ନ କରି ଦିଅନ୍ତି ଯଦ୍ୱାରା ସେହି ଉଦ୍ଦେଶ୍ୟଗୁଡ଼ିକ ଯାହା ଅସଂପୂର୍ଣ୍ଣ ହୋଇ ରହି ଯାଇଥିଲା ତାହା କ୍ରମେ ନିଜର ପୂର୍ଣ୍ଣତ୍ୱକୁ ଉପନୀତ ହୋଇଥାଏ ଅର୍ଥାତ ତାହା ପରିପୂର୍ଣ୍ଣତା ଲାଭ କରିଥାଏ ।"

ଆମେମାନେ ଏହା ଦେଖୁ ଯେ, ହ. ମସିହ ମଉଦ ଅ.ସଙ୍କ ବିୟୋଗରେ ଯେଉଁଠି ପ୍ରତ୍ୟେକ ଅହେମଦିର ଅନ୍ତର ଦୋହୋଲି ଯାଇଥିଲା । ସେଠାରେ ଆମ ବିରୋଧୀମାନେ ମଧ୍ୟ ଆନନ୍ଦ ଓ ପ୍ରସନ୍ନତାର ସଂଗୀତ ଗାନ କରିଥିଲେ । ହ. ମସିହ ମଉଦ ଅ.ସଙ୍କ ବିୟୋଗ ପରେ ଏଭଳି ଅନର୍ଗଳ ଓ ବାଯ୍ୟ ସଂଗୀତ ଗାନ କରାଗଲା, ଯାହାକୁ ଶୁଣିବା ପରେ ମାନବତା ଲଜ୍ଜିତ ହୋଇଯାଏ । ବିରୋଧୀମାନେ ସେହି ବାଯ୍ୟ ଏବଂ ନିରର୍ଥକ କଥା କହିଲେ, ଯାହାକୁ ଶୁଣି ମନୁଷ୍ୟ ଆଶ୍ଚର୍ଯ୍ୟଚକିତ ହୁଏ । ଏଠରେ ଏହି ସମସ୍ତ ଅକଥନୀୟ କଥାଗୁଡ଼ିକ ମୋତେ ବର୍ଣ୍ଣନା କରିବାର ଆବଶ୍ୟକତା ନାହିଁ । କିନ୍ତୁ ବିରୋଧୀମାନେ ହ. ମସିହ ମଉଦ ଅ.ସଙ୍କ ବିୟୋଗ ପରେ ଜମାଅତ୍‌କୁ ସମାପ୍ତ କରିବା ପାଇଁ କିଭଳି ଉଦ୍ୟମ କରିଛନ୍ତି ତାହାର କେତେକ ଚର୍ଚ୍ଚା ଏଠାରେ କରି ଦେଉଛି । ଏହି ବିରୋଧୀମାନେ ଅହେମଦିମାନଙ୍କୁ କିଭଳି ଜମାଅତରୁ ଓହରି ଯିବା ନିମନ୍ତେ ମିଥ୍ୟା ଅପପ୍ରଚାର କରିଥିଲେ ତାହାର ବର୍ଣ୍ଣନା ଏହିପରି ଅଟେ । ଉଦାହରଣ ସ୍ୱରୂପ ପୀର ଜମାଅତ୍ ଅଲୀ ଶାହ୍‌ଙ୍କ ଅନୁଗାମୀମାନେ କହିଲେ ଯେ, ଦେଖ ! ମିର୍ଜାଇ (ଅର୍ଥାତ କାଦିୟାନୀମାନେ)ମାନେ ମିର୍ଜା ଗୁଲାମ୍ ଅହେମଦଙ୍କ ବିୟୋଗ ପରେ କିଭଳି କ୍ଷମା ଯାଚନା କରି ମୁସଲମାନ ସଂପ୍ରଦାୟରେ ପ୍ରବେଶ କରୁଛନ୍ତି । ଖ୍ୱାଜା ହସନ୍ ନିଜାମୀ ସାହେବ ଅହେମଦିମାନଙ୍କୁ ପରାମର୍ଶ ଦେଇ କହନ୍ତି ଯେ, ଆପଣମାନେ **ବର୍ତ୍ତମାନ ମିର୍ଜା ସାହେବଙ୍କ ମସିହ ଓ ମେହ୍‌ଦୀ ହେବାର ଦାବିକୁ ସ୍ପଷ୍ଟ ରୂପେ ପ୍ରତ୍ୟାଖ୍ୟାନ କରନ୍ତୁ** । ପ୍ରକାଶ୍ୟ ରୂପେ କହିବାକୁ ଗଲେ ସେ ଅତ୍ୟନ୍ତ ସରଳ ବ୍ୟକ୍ତି ହୋଇ ଏବଂ ଆହେମଦିମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରି ଅହେମଦିମାନଙ୍କୁ ପରାମର୍ଶ ଏବଂ ପ୍ରସ୍ତାବ ଦେଉଥିଲେ ଯେ, ମିର୍ଜା ସାହେବ ତ' ଆର ପାରିକୁ ଚାଲିଗଲେ, ବର୍ତ୍ତମାନ ତୁମମାନଙ୍କୁ ଆଉ କିଏ ସମ୍ଭାଳିବ, କିଏ ତୁମ କଥା ବୁଝିବ ? ତାଙ୍କ କହିବାର ଅର୍ଥ ଏହା ଯେ, ମିର୍ଜା ସାହେବଙ୍କ ବିୟୋଗ ପରେ ତୁମମାନଙ୍କୁ ଆଉ କେହି ସମ୍ଭାଳିବ ନାହିଁ । ତେଣୁ ତୁମେମାନେ ଅହେମଦିୟତ୍ ଛାଡ଼ିଦିଅ ! ଏବଂ ଆସ ଆମ ସହିତ ଆସି ମିଶିଯାଅ । କିନ୍ତୁ ତାଙ୍କୁ ଜଣା ନଥିଲା ଯେ, ତାଙ୍କର ଆଖି ଅଲ୍ଲାଃତାଲାଙ୍କର ସେହି ପ୍ରତିଶୃତିର ଭବ୍ୟତାକୁ ଦେଖିପାରୁ ନଥିଲା । ଅର୍ଥାତ ଅଲ୍ଲାଃତାଲା ହ. ମସିହ ମଉଦ ଅ.ସଙ୍କୁ ଯେଉଁ ପ୍ରତିଶୃତି ଦେଇଥିଲେ ଯେ, ମୁଁ ତୁମ୍ଭ ସହିତ ଓ ତୁମ୍ଭ ପ୍ରିୟଜନଙ୍କ ସହିତ ରହିଛି । ଅଲ୍ଲାଃତାଲା ହ. ମସିହ ମଉଦ ଅ.ସଙ୍କୁ ଐଶୀବାଣୀ କରି ପ୍ରତିଶୃତି ଏବଂ ଆଶ୍ୱାସନା ଦେଇଥିଲେ ଯେ, ତାଙ୍କ ପରେ ଖିଲାଫତ୍‌ର ପରମ୍ପରା ଆରମ୍ଭ ହେବ ଏବଂ ଯେଉଁ ପ୍ରତିଶୃତି ଏବଂ ଭବିଷ୍ୟବାଣୀଗୁଡ଼ିକ ରହିଛି ତାହା ମଧ୍ୟ

ଅବଶ୍ୟ ପୂରଣ ହେବ । ଏଠାରେ ନବୀ ଅର୍ଥାତ ଅବତାରମାନଙ୍କ ଉଦାହରଣ ଦେଇ ସେହି ଲୋକମାନଙ୍କୁ ମଧ୍ୟ ଉତ୍ତର ଦେଇ ଦେଇଛନ୍ତି ଯେଉଁମାନେ ଦୁର୍ବଳ ସ୍ୱଭାବ ଅହେମଦି ଅଟନ୍ତି ଏବଂ ବେଳେବେଳେ ତାଙ୍କ ପାଟି ହ. ମସିହ ମଉଦ ଅ.ସଙ୍କୁ ନବୀ କହିବାକୁ ବିଚଳିତ ହୋଇଥାଏ । ଏଠାରେ ସେହି ଅହେମଦିମାନଙ୍କୁ ମଧ୍ୟ ଉତ୍ତର ଦେଇ ଦିଆଯାଇଛି । ଅର୍ଥାତ ହ. ମସିହ ମଉଦ ଅ.ସ କୁହନ୍ତି ଯେ, ମୋର ଜମାଅତ୍ ନବୀଙ୍କ ଜମାଅତ ଏବଂ ମୁଁ ନବୀ ଅଟେ । ଅତଏବ ହ. ମସିହ ମଉଦ ଅ.ସ କୁଦ୍‌ରତେ ସାନିୟା ଅର୍ଥାତ ଦ୍ୱିତୀୟ ଅଲୌକିକ ଶକ୍ତି (ଖିଲାଫତ୍) ସଂପର୍କରେ ମତ ବ୍ୟକ୍ତ କରି କହନ୍ତି : ମୁଁ ଅଲ୍ଲାଃତାଲାଙ୍କ ତରଫରୁ ଏକ ଐଶୀ ଶକ୍ତି ସ୍ୱରୂପ ଆବିର୍ଭୂତ ହୋଇଛି ଏବଂ ମୁଁ ଅଲ୍ଲାଃତାଲାଙ୍କ ଐଶୀଶକ୍ତିର ଏକ ପ୍ରତିମୂର୍ତ୍ତି, ମୋ ପରେ ଅନ୍ୟ କେତେକ ଅସ୍ତିତ୍ୱ ହେବେ ଯେଉଁମାନେ ଅନ୍ୟ ଐଶ୍ୱରୀକ ଶକ୍ତି ଓ ଗୁଣାବଳୀର ଅଧିକାରୀ ତଥା ପ୍ରକାଶ୍ୟକାରୀ ହେବେ । ଅତଏବ ତୁମେମାନେ ଅଲ୍ଲାଃତାଲାଙ୍କ ସେହି ଦ୍ୱିତୀୟ ଅଲୌକିକ ଶକ୍ତିର ଅପେକ୍ଷାରେ ଏକତ୍ରିତ ହୋଇ ଦୁଆ କରୁଥାଅ ।

ଅତଏବ ଆମେମାନେ ହ. ମସିହ ମଉଦ ଅ.ସଙ୍କ ଭବିଷ୍ୟତବାଣୀ ଅନୁଯାୟୀ ଏବଂ ଅଲ୍ଲାଃତାଲାଙ୍କ ବିଗତ ଦୀର୍ଘ ୧୧୩ ବର୍ଷର କୃପା ଓ ଆଶିଷକୁ ଅକ୍ଷରେ ଅକ୍ଷରେ ପୂର୍ଣ୍ଣ ହେଉଥିବାର ଦେଖୁଅଛୁ । ପୁନଶ୍ଚ ହ. ଖଲିଫତୁଲ୍ ମସିହ ଅୱଲ (ପ୍ରଥମ) ର.ଅଙ୍କ ସଂପର୍କରେ କର୍ଜନ ଗେଜେଟ ନାମକ ସମ୍ବାଦପତ୍ର ଉଲ୍ଲେଖ କଲା ଯେ, ବର୍ତ୍ତମାନ ମିର୍ଜାଇମାନଙ୍କ ନିକଟରେ ଆଉ କ'ଣଟା ବାକି ରହିଯାଇଛି । ସେମାନେଙ୍କର (ଅର୍ଥାତ ଅହେମଦିମାନଙ୍କର) ଶିର ଛେଦ ତ' ହୋଇଯାଇଛି । ସେମାନଙ୍କର ଯିଏ ଇମାମ୍ (ଧର୍ମାଧକ୍ଷ) ହୋଇଛନ୍ତି ତାଙ୍କ ଦ୍ୱାରା ତ' କିଛି କାମ ହୋଇପାରିବ ନାହିଁ । ଅବଶ୍ୟ ସେ ତୁମମାନଙ୍କୁ ମସ୍‌ଜିଦ୍‌ରେ ପବିତ୍ର କୁରଆନ ଶୁଣେଇବ । ସେହି ବିରୋଧୀ ବ୍ୟକ୍ତିଙ୍କର ଏହି କଥାକୁ ଶୁଣି ହ. ଖଲିଫତୁଲ୍ ମସିହ ଅୱଲ ର.ଅ କହିଲେ ଯେ, ଅଲ୍ଲାଃତାଲା କରନ୍ତୁ କି ମୁଁ ତୁମମାନଙ୍କୁ ପବିତ୍ର କୁରଆନ ଶୁଣାଉଥିବି । ହ. ଖଲିଫା ଅୱଲ ଏହି କାର୍ଯ୍ୟକୁ ଭଲଭାବରେ ତ' ସମ୍ପାଦନ କଲେ । ହ. ଖଲିଫତୁଲ୍ ମସିହ ଅୱଲ୍ କପଟବିଶ୍ୱାସୀ ଏବଂ ଅଞ୍ଜୁମନ୍‌ର କେତେକ ସ୍ତମ୍ଭ ଅର୍ଥାତ ବଡ଼ ବଡ଼ ବ୍ୟକ୍ତିବିଶେଷକଙ୍କର ଉପଦ୍ରବକୁ ଏତେ ଦୃଢତାର ସହିତ ପ୍ରତିରୋଧ କଲେ ଯେ, କାହାରି ସାହାସ ହେଲା ନାହିଁ ଯେ, କେହି କୌଣସି ପ୍ରକାରର କଳହ ଏବଂ ଉପଦ୍ରବ ସୃଷ୍ଟି କରିବ ।

ପୁନଶ୍ଚ ୧୯୧୪ ମସିହାରେ ଯେତେବେଳେ ହ. ଖଲିଫତୁଲ୍ ମସିହ ଅୱଲ ର.ଅଙ୍କର ବିୟୋଗ ହେଲା ସେତେବେଳେ ପୁନଶ୍ଚ ଆଉ ଏକ ଝଡ଼ ଏବଂ ଭୂମିକମ୍ପ ଭଳି ପରିସ୍ଥିତି ଦେଖା ଦେଇଥିଲା । ଅଞ୍ଜୁମନ୍‌ର ସ୍ତମ୍ଭ ଅର୍ଥାତ ମାନ୍ୟଗଣ ବ୍ୟକ୍ତିମାନେ ଅଞ୍ଜୁମନ୍‌କୁ ହିଁ ହ. ମସିହ ମଉଦ ଅ.ସଙ୍କ ପ୍ରକୃତ ଉତ୍ତରାଧିକାରୀ ରୂପେ ବିବେଚିତ କରିବା ପାଇଁ ଆପ୍ରାଣ ଉଦ୍ୟମ ମଧ୍ୟ କରିଥିଲେ ଏବଂ ହ. ଖଲିଫା ଅୱଲ ର.ଅଙ୍କ ଯୋଗୁଁ ସେମାନେ ନୀରବ ରହିଥିଲେ । ପରିଶେଷରେ ଏହି ସମସ୍ତ ଦୃଶ୍ୟକୁ ଦେଖି ଅଞ୍ଜୁମନ୍‌ର ମୁରବୀ ବୋଲାଉଥିବା କେତେକ ବିଶିଷ୍ଟ ବ୍ୟକ୍ତିମାନେ ଅଞ୍ଜୁମନ୍‌ର ରାଜକୋଷର ସମସ୍ତ ଅର୍ଥ ନେଇ କାଦିୟାନରୁ ପଳାୟନ କଲେ ଏବଂ ଅଦୃଶ୍ୟ ହୋଇଗଲେ । କିନ୍ତୁ ସଂସାର ଏହା ଦେଖିଲା ଯେ, ଅଲ୍ଲାଃତାଲା କିପରି ଖିଲାଫତେ ଅହେମଦିୟା ମାଧ୍ୟମରେ ଜମାଅତ୍‌କୁ ଦୃଢତା ପ୍ରଦାନ କଲେ । ହ. ମୁସଲେହ୍ ମଉଦ୍ ର.ଅ ହ. ଖଲିଫତୁଲ୍ ମସିହ ସାନି ର.ଅଙ୍କ ୫୨ ବର୍ଷରୁ ଊର୍ଦ୍ଧ୍ୱ କାଳ ଖିଲାଫତ୍‌ର ସାକ୍ଷୀ ଅଟେ । ସେହି ଯୁବକ ଯେ ପ୍ରଭୁଙ୍କ କୃପା ବଳରେ ଖିଲାଫତ୍‌ର ଦାୟିତ୍ୱକୁ ବହନ କରି ବେଶ୍ ତ୍ୱରିତ ଭାବରେ ଜମାଅତ୍‌କୁ ଉନ୍ନତିର ମାର୍ଗରେ ଆଗେଇ ନେଇଥିଲେ । ପରିଶେଷରେ ଅଲ୍ଲାଃତାଲାଙ୍କ ବିଧାନ ଅନୁଯାୟୀ ୧୯୬୫ ମସିହା ନଭେମ୍ବର ମାସରେ ଯେତେବେଳେ ଖଲିଫା ସାନି (ଦ୍ୱିତୀୟ)ଙ୍କର ବିୟୋଗ ହେଲା ସେତେବେଳେ ଅଲ୍ଲାଃତାଲାଙ୍କ ପ୍ରତିଶୃତି ଅନୁଯାୟୀ ଅଲ୍ଲାଃତାଲାଙ୍କର ଦ୍ୱିତୀୟ ଅଲୌକିକ ଶକ୍ତି ତୃତୀୟ ଖଲିଫାଙ୍କୁ ଛିଡ଼ା କଲେ । ପୃଥିବୀରେ ଜମାଅତ୍‌ର ପରିଚୟ ବୃଦ୍ଧି ପାଇବାକୁ ଲାଗିଲା । ୧୯୭୪ ମସିହାରେ ପାକିସ୍ତାନ ସରକାର ଅହମଦିମାନଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କଲା ଏବଂ ଏକ ଅଭିଯାନ ଚଳାଇ ଅହେମଦିମାନଙ୍କୁ ଅଣମୁସଲମାନ ଘୋଷଣା କରି ଆଇନ ଅନୁମୋଦିତ କଲା । ଅତଃ ଖିଲାଫତ୍‌ର ଢାଲ ପଛରେ ଏହି ଭୟଙ୍କର ଆକ୍ରମଣକୁ ମଧ୍ୟ ଜମାଅତ୍ ପ୍ରତିହତ କରି ସଫଳତାର ସହିତ ସଫଳତା ଲାଭ କରି ବାହାରି ଆସିଥିଲା ଏବଂ ଶତ୍ରୁପକ୍ଷ ଜମାଅତ୍‌ର ଉନ୍ନତିକୁ ରୋକିବା ପାଇଁ ଯେଉଁ ଉଦ୍ୟମ କଲା ସେଥିରେ ସେମାନେ ବିଫଳ ହୋଇଗଲେ ।

ପୁନଶ୍ଚ ୧୯୮୨ ମସିହା ଜୁନ ମାସରେ ହ. ଖଲିଫତୁଲ୍ ମସିହ ସାଲିସ୍ (ତୃତୀୟ) ଆମ ଠାରୁ ବିଦାୟ ନେଲେ । ସେତେବେଳେ ଅଲ୍ଲାଃତାଲା ନିଜର ପୂର୍ବ ପ୍ରତିଶୃତି ଆନୁଯାୟୀ ହ. ମିର୍ଜା ତାହେର ଅହେମଦ ଖଲିଫତୁଲ୍ ମସିହ୍ ରାବେ (ଚତୁର୍ଥ)ଙ୍କ ମାଧ୍ୟମରେ ଜମାଅତ୍‌ର ଏହି ଭୟପ୍ରଦ ଅବସ୍ଥାକୁ କ୍ରମଶଃ ଶାନ୍ତିପ୍ରଦ ଅବସ୍ଥାରେ ରୂପାରନ୍ତରିତ କରିଦେଲେ । ସେତେବେଳେ ଶତ୍ରୁ ଜମାଅତ୍‌ର ଉନ୍ନତିକୁ ଦେଖି ଆଶ୍ଚର୍ଯ୍ୟଚକିତ ହୋଇଯାଇଥିଲା । ସେ ନୂତନ ରୂପେ ଆକ୍ରମଣର ଯୋଜନା

ପ୍ରସ୍ତୁତ କଲା ଏବଂ ଉଦ୍ୟମ କଲା ଯେ, ଖିଲାଫତେ ଅହେମଦିୟାର ଭିତ୍ତିକୁ ଉପାଡ଼ି ଦିଆଯାଉ । ଅସାଧାରଣ ସମର୍ଥନର ସହିତ ଅଲ୍ଲାଃତାଲା ହ. ଖଲିଫତୁଲ୍ ମସିହ୍ ରାବେଙ୍କୁ ପାକିସ୍ତାନରୁ ପ୍ରବାସ କରାଇଥିଲେ ଏବଂ ଶତ୍ରୁପକ୍ଷ କେବଳ ଦେଖି ରହିଗଲା । ପୁନଶ୍ଚ ପ୍ରବାସ ପରେ ଖିଲାଫତେ ରାବିଆରେ ଏକ ନୂତନ ଯୁଗ ଆରମ୍ଭ ହେଲା ଏବଂ ସାଟେଲାଇଟ୍ ଅର୍ଥାତ ଉପଗ୍ରହ ମାଧ୍ୟମରେ ଉପସ୍ଥିତ ଖଲିଫା ଓ ଅହେମଦିୟତ୍ ଏବଂ ପ୍ରକୃତ ଇସ୍‌ଲାମ୍‌ର ବାର୍ତ୍ତା ଅହେମଦିଙ୍କ ଘରେ ଘରେ, ଏଥି ସହିତ ଅଣଅହେମଦିଙ୍କ ଘରେ ଏବଂ ପ୍ରତ୍ୟେକ ଦେଶରେ ପହଞ୍ଚିବା ଆରମ୍ଭ ହେଲା ।

ପୁନଶ୍ଚ ଐଶ୍ୱରୀକ ବିଧାନ ଅନୁଯାୟୀ ୨୦୦୩ ମସିହା ଏପ୍ରିଲ ମାସରେ ହ. ଖଲିଫତୁଲ୍ ମସିହ୍ ରାବେଙ୍କର ଅକାଳ ବିୟୋଗ ହେଲା । ସେତେବେଳେ ଏହା ଜମାଅତ୍ ପାଇଁ ଏକ ସକ୍ତ ଆଘାତ ଥିଲା ଏବଂ ଶତ୍ରୁ ବିଚାରରେ ସେମାନଙ୍କ ପାଇଁ ଅହେମଦିୟତ୍‌କୁ ସମାପ୍ତ କରିବାର ଏକ ସୁବର୍ଣ୍ଣ ସୁଯୋଗ ଥିଲା । ବିଶ୍ୱାସକାରୀଙ୍କ ଦୁଆକୁ ଅଲ୍ଲାଃତାଲା ଶୁଣିଲେ ଏବଂ ଭୟପ୍ରଦର ଅବସ୍ଥାକୁ ଶାନ୍ତିପ୍ରଦ ଅବସ୍ଥାରେ ପରିବର୍ତ୍ତନ କରିଦେଲେ । ଇସ୍‌ଲାମ୍‌ର ପ୍ରାରମ୍ଭିକ ଯୁଗରେ ଯଦି ଖିଲାଫତ୍ ରାଶେଦାରେ ଖିଲାଫତ୍ ଚାରିଜଣ ଖଲିଫାଙ୍କ ପର୍ଯ୍ୟନ୍ତ ସୀମିତ ଥିଲା । ହ. ମସିହ ମଉଦ ଅ.ସଙ୍କ ଅବତୀର୍ଣ୍ଣ ହେବା ପରେ ଯେଉଁଭଳି ଭାବରେ ଇସ୍‌ଲାମ୍‌ର ଇତିହାସରେ ଅନେକ ପ୍ରକାରର ନୂତନ ଅଧ୍ୟାୟ ଉନ୍ମୋଚିତ ହୋଇଛି, ଖିଲାଫତେ ଖାମିସା (ପଞ୍ଚମ ଖିଲାଫତ୍) ତାହାରି ଏକ ଅଂଶ ବିଶେଷ । ଜମାଅତ୍‌ର ଯେଉଁ ପରିଚୟ ଏବଂ ପୃଥିବୀରେ ଏହାର ପରିପ୍ରକାଶ ଅସାଧାରଣ ରୂପେ ଏହି ଯୁଗରେ ହୋଇଛି । ପ୍ରତ୍ୟେକ ଶ୍ରେଣୀରେ ଏବଂ ପ୍ରତ୍ୟେକ ସ୍ତରରେ ଏହା ଅଭୂତପୂର୍ଣ୍ଣ ଅଟେ । ଯାହାକି ଆଁହଜ଼ରତ ସ.ଅଙ୍କ ଭବିଷ୍ୟତବାଣୀ ଅନୁଯାୟୀ ଘଟୁଅଛି । ପବିତ୍ର କୁରଆନ୍‌ର ପ୍ରକାଶନ ଓ ହ. ମସିହ ମଉଦ୍ ଅ.ସଙ୍କ ପୁସ୍ତକର ବିଭିନ୍ନ ଭାଷାରେ ଅନୁବାଦର କାର୍ଯ୍ୟ ବୃଦ୍ଧି ପାଇଛି। ଏମ.ଟି.ଏର ସଂପ୍ରସାରଣ, ଅନଲାଇନ୍ ସାକ୍ଷାତ୍ ହେଉ କିମ୍ବା ଭର୍ଚୁଆଲ (ଆଭାସୀ ବୈଠକ) ସାକ୍ଷାତ୍, ଏହି ମାଧ୍ୟମରେ ମିଟିଂ ମଧ୍ୟ ଆୟୋଜିତ ହେଉଛି । ଦେଖା ସାକ୍ଷାତ୍ ମଧ୍ୟ ହେଉଛି ଯଦ୍ୱାରା ସିଧାଶଳଖ ଜମାଅତ୍ ସହିତ ଯୋଗାଯୋଗ ସ୍ଥାପନ ହେଉଅଛି । ଉପସ୍ଥିତ ଖଲିଫାଙ୍କ ସହିତ ମଧ୍ୟ ଲୋକମାନେ ସିଧାଶଳଖ ମାର୍ଗଦର୍ଶନ ପ୍ରାପ୍ତ କରୁଛନ୍ତି । ଏହି ସମସ୍ତ ମାଧ୍ୟମ ହେଉଛି ଅଲ୍ଲାଃତାଲାଙ୍କ ସମର୍ଥନର ଦୃଶ୍ୟ । ଅଲ୍ଲାଃତାଲା ହ. ମସିହ ମଉଦ ଅ.ସଙ୍କ ସହିତ ତ' ଯେଉଁ ଉନ୍ନତିର ପ୍ରତିଶୃତି କରିଛନ୍ତି ଆମେମାନେ ତହିଁରୁ ଉପକୃତ ହେବା ନିମନ୍ତେ ଅଲ୍ଲାଃତାଲାଙ୍କ କୃତଜ୍ଞତା ଅର୍ପଣ କରିଥିବା ଭକ୍ତ ହୋଇ ତାଙ୍କ ଆଗେ ମୁଣ୍ଡ ନୁଆଇଁବାକୁ ହେବ । ଖିଲାଫତ୍‌ର ପୂର୍ଣ୍ଣ ଆଜ୍ଞା ପାଳନ ନିଜର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସମ୍ପାଦନ କରିବା । ଅଲ୍ଲାଃତାଲା କରନ୍ତୁ କି ଉକ୍ତ ସଂପ୍ରଦାୟର ପୂର୍ଣ୍ଣ ଉନ୍ନତି ତଥା ବିକାଶର ଦୃଶ୍ୟ ଆମେମାନେ ସ୍ୱଚକ୍ଷୁରେ ଦେଖୁ । ଆମମାନଙ୍କର ଉପାସନା, ନମାଜ, କର୍ମ ଅଲ୍ଲାଃତାଲାଙ୍କ ପ୍ରସନ୍ନତାକୁ ପ୍ରାପ୍ତକାରୀରେ ପରିଣତ କରୁ । ଆଜି ମୁଁ ପୁନର୍ବାର ଆପଣମାନଙ୍କୁ ଦୁଆ କରିବା ପ୍ରତି ଆହ୍ୱାନ ଜଣାଉଛି । ଆପଣମାନେ ପାକିସ୍ତାନର ଅହେମଦି ଭାଇ ଭଉଣୀମାନଙ୍କୁ ନିଜ ଦୁଆରେ ମନେ ରଖନ୍ତୁ । ନିରୀହ ଅହେମଦିମାନଙ୍କୁ, ସେମାନେ ଯେଉଁଠି ବି ବସବାସ କରୁ ଥାଆନ୍ତୁ ନା କାହିଁକି ସେମାନଙ୍କୁ ନିଜ ଦୁଆରେ ମନେ ରଖନ୍ତୁ । ନିରୀହ ତଥା ନିଷ୍ପେଷିତ ମୁସଲମାନମାନେ ଯେଉଁଠି ବି ବାସ କରନ୍ତୁ ନା କାହିଁକି ଯଥା;- ପାଲେଷ୍ଟାଇନ୍ କିମ୍ବା ଅନ୍ୟ ଯେକୌଣସି ଦେଶରେ ବାସ କରନ୍ତୁ ନା କାହିଁକି ସେମାନଙ୍କୁ ମଧ୍ୟ ନିଜ ଦୁଆରେ ମନେ ରଖନ୍ତୁ । ଅଲ୍ଲାଃତାଲା ସମସ୍ତଙ୍କର ଦୁଃଖକଷ୍ଟକୁ ଦୂର କରନ୍ତୁ । ଅଲ୍ଲାଃତାଲା ଆମମାନଙ୍କୁ ହ. ମସିହ ମଉଦ ଅ.ସଙ୍କ ଧ୍ୱଜାକୁ ଫରଫର୍ ହୋଇ ଉଡୁଥିବାର ଦେଖିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଆମେମାନେ ସମଗ୍ର ପୃଥିବୀରେ ଏକେଶ୍ୱରବାଦକୁ ସ୍ଥାପିତ ହେଉଥିବାର ଅବଲୋକନ କରିନେବା । **ଇନଶାଅଲ୍ଲାଃ।**

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ ନସ୍‌ତଇନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ଓ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଇଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜ଼ିଲ୍ଲା ଲହୁ ୱମଇଁ ୟୁଜ଼୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜ଼ିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜ୍ରୁକୁମ୍ ଲାଅଲ୍‌ଲକୁମ୍ ତଜ଼କ୍ କରୁନା ଉୟ୍‌କୁରୁଲ୍ଲାହ୍ ୟଜ଼୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜ଼ିକ୍‌ରୁଲ୍ଲାହି ଅକ୍‌ବର ।**

....................................

KHULASA KHUTBA JUMA HUZOOR ANWAR a.b.a

28th May. 2021